To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆତଙ୍କିଙ୍କର କୌଣସି ହରକତ୍
ବରଦାସ୍ତ କରାଯିବ ନାହିଁ

R.N.I. No.-42041/83 Vol-16, Issue No.94, ଭଦ୍ରକ, ଶନିବାର, ୨୯, ସେପ୍ଟେମ୍ବର ୨୦୧୮ ■ Bhadrak, Saturday, 29 September 2018 Rs. 2.00 Pages-8

ଅଭିଜିତଙ୍କୁ ହାଜର ହେବାକୁ ସମନ

- ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୃହ କମିଟି ବୈଠକ
- ୧୧ରେ ହାଜର ପାଇଁ ନିର୍ଦ୍ଦେଶ
- କୋଣାର୍କ ଓ ପୁରୀ ବୁଲିବା ସମୟରେ ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିଲେ
- ଆୟରଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ କମିଟିର ସୁପାରିଶ

ସ୍ୱାଧୀକାର ଭଙ୍ଗ ଘଟଣା

ଭୁବନେଶ୍ୱର,୨୮।୯ (ସକାଳଖବର): ଓଡିଶା ବିଧାନସଭାର ବିଧାୟକମାନଙ୍କୁ ବୁଦ୍ଧୁ ବୋଲି କହି ଗୃହର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥିବା ଅଭିଜିତ୍ ଆୟାର ମିତ୍ରଙ୍କୁ ସମନ ଜାରୀ କରିବାପାଇଁ ଗୃହ କମିଟି ବୈଠକରେ ନିଷ୍ପତି ହୋଇଛି। ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍ ଶୀଘ୍ର ଅଭିଜିତ୍ କୁ ସମନ ଜାରୀ କରାଯିବ ବୋଲି କମିଟିର ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ପ୍ରକାଶ କରିଛନ୍ତି। ଶୁକ୍ରବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଗୃହ କମିଟି ବୈଠକ ବସିଥିଲା। ଏଥିରେ କମିଟିର ସଦସ୍ୟ ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ଦେବୀ ମିଶ୍ର, ସଂଜୟ ଦାଶବର୍ମା ଓ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କମିଟିର ସଦସ୍ୟା ପ୍ରମିଳା ମଲ୍ଲିକ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଡ. ଆର ପି ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ସୁନୀଲ ରାୟ ମଧ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଏସମ୍ପର୍କିତ ତଥ୍ୟ ଓ ପ୍ରମାଣ ମଧ୍ୟ ସଂଗ୍ରହକରାଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ାର ପୂର୍ବତନ ସଂସଦ ବୈଜୟନ୍ତ ପଣ୍ଡାଙ୍କ ସହିତ ତାଙ୍କ ବନ୍ଧୁ ଅଭିଜିତ ଆୟାର ମିତ୍ର ହେଲିକ୍ୟାପ୍ଟରରେ କୋଣାର୍କ, ପୁରୀ ଓ ଚିଲିକା ବୁଲିବାକୁ ଯାଇଥିଲେ। ଏହି ସମୟରେ କୋଣାର୍କ ଓ ପୁରୀ ଜଗନ୍ନାଥ ମନ୍ଦିର ସମ୍ପର୍କରେ ଅଭିଜିତ୍ ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏସମ୍ପର୍କିତ ଭିଡିଓ ମଧ୍ୟ ଭାଇରଲ ହୋଇଥିଲା। ଏହାକୁ ନେଇ କେତେକ ବିଧାୟକ ପ୍ରତିବାଦ କରିବାରୁ ଅଭିଜିତ ଓଡ଼ିଶା ବିଧାୟକମାନଙ୍କ ପ୍ରତି ମଧ୍ୟ ଅପମାନସୂଚତ ମନ୍ତବ୍ୟ ଦେଇଥିଲେ। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସବୁ ବିଧାୟକମାନେ ସମର୍ଥନ କରିବା ସହିତ ଅଭିଜିତ ଆୟାରଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ବିଧାୟକ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୃହକମିଟି ଗଠନ କରାଯାଇଥିଲା।

ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣ ମାମଲା

ସରକାରଙ୍କ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୮।୯ (ସକାଳ ଖବର): ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣ ନେଇ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମ୍ କୋର୍ଟ କାଏମ୍ ରଖି ଓଡିଶା ସରକାରଙ୍କ ଆବେଦନକୁ ଖାରଜ କରିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ପୂର୍ବରୁ ହାଇକୋର୍ଟ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଟପିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଓଡିଶା ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବିଚାରପତି ସଞ୍ଜୟ କିଷାନ କୌଲ ଓ ଉଦୟ ରମେଶ ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ନଗର ଉନ୍ନୟନ ମନ୍ତ୍ରୀ ନିରଂଜନ ପୂଜାରୀ କହିଛନ୍ତି ଯେ କୋର୍ଟଙ୍କ ରାୟ ହସ୍ତଗତ ହେବା ପରେ ତାହାର ତର୍ଜମା କରାଯିବ। ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି ଯେ ସୁପ୍ରିମ୍ କୋର୍ଟଙ୍କ ରାୟ ମିଳିନାହିଁ। ନିର୍ବାଚନ କେବେ ହେବ ଜଣାପଡିବା ପରେ ପରବର୍ତୀ ପଦକ୍ଷେପ ନିଆଯିବ।

ବିକାଶ ଯାତ୍ରାରେ କଳାହାଣ୍ଡିର ସ୍ଥିତି ମଜବୁତ ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୯ (ସକାଳ ଖବର): କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ସହଯୋଗରେ ଏହାକୁ ରାଜ୍ୟର ଏକ ଆଗୁଆ ଜିଲ୍ଲାରେ ପରିଣତ କରାଯିବ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଭିଡ଼ିଓ କନଫରେନସିଂ ଜରିଆରେ କଳାହାଣ୍ଡିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ, କଳାହାଣ୍ଡିର ଆର୍ଥିକ ଓ ସାମାଜିକ ସ୍ଥିତିରେ ଆଜି ଅନେକ ପରିବର୍ତନ ଆସିଛି। ଦେଶର ବିକାଶ ଯାତ୍ରାରେ କଳାହାଣ୍ଡି ତାର ସ୍ଥିତି ମଜବୁତ କରିଚାଲିଛି। ବିକାଶର ରାସ୍ତାରେ କଳାହାଣ୍ଡି ଜିଲ୍ଲା ଆଗଇେ ଚାଲିଛି। କୃଷି କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟି କଳାହାଣ୍ଡିରେ ଆଜି ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ିଛି। ଭିତିଭୂମି ଓ ଶିଳ୍ପ କ୍ଷେତ୍ରରେ ମଧ୍ୟ ବେଶ୍ ଉନ୍ନତି ପରିଲକ୍ଷିତ ହେଉଛି। କଳାହାଣ୍ଡିର ଏହି ପରିବର୍ତନରେ କଳାହାଣ୍ଡିବାସୀଙ୍କର କଠୋର ପରିଶ୍ରମ ଓ ବିକାଶ ପାଇଁ ସେମାନଙ୍କ ପ୍ରତିଶ୍ରୁତିବଦ୍ଧତା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ଗୋଲମୁଣ୍ଡାଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଧର୍ମଗଡ଼ରେ ଏକ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ଏବଂ କେସିଙ୍ଗାରେ ଏକ ସବ୍ ରେଜିଷ୍ଟର ଅଫିସ ଖୋଲାଯିବ ବୋଲି ଘୋଷଣା କରିଥିଲେ। ଜ୍ୱର ଯୋଗୁ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନଥିଲେ ବୋଲି କହିଥିଲେ। ତେବେ ଖୁବ୍ ଶୀଘ୍ର ସେ କଳାହାଣ୍ଡି ଯାଇ ଜନସାଧାରଣଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା, ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ମାଝୀ, କଳାହାଣ୍ଡି ଜିଲ୍ଲା କମିଟି ଅଧ୍ୟକ୍ଷ ବଳଭଦ୍ର ମାଝୀ ପ୍ରମୁଖ ଭବାନୀପାଟଣାରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟତଃ ରାସ୍ତାଘାଟ, ସେତୁ, ପାନୀୟ ଜଳ ପ୍ରକଳପ, ଛାତ୍ରାବାସ ଆଦିର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦେଶରେ ବନ୍ଦ ରହିଲା ଔଷଧ ଦୋକାନ

ଭୁବନେଶ୍ୱର,୨୮।୯ (ସକାଳ ଖବର): ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଶୁକ୍ରବାର ଦିନ ଦେଶବ୍ୟାପୀ ବନ୍ଦ ଡାକରା ଦିଆଯାଇଥିବା ବେଳେ ଓଡିଶାର ବ୍ୟବସାୟୀ ମହାସଂଘ ଏହି ଧର୍ମଘଟରେ ସାମିଲ ହୋଇଛି। ଫଳରେ ରାଜ୍ୟର ସମସ୍ତ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ମଧ୍ୟ ୨୪ ଘଂଟିଆ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବରେ ଗୁରୁବାର ମଧ୍ୟ ରାତ୍ରିରୁ ରାଜ୍ୟର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ତେବେ ରାଜ୍ୟର ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନ ଖୋଲା ରହିଥିଲା। ଔଷଧ ଦୋକାନ ବନ୍ଦ ରହିଥିବାରୁ ହନ୍ତସନ୍ତ ହୋଇଛନ୍ତି ରୋଗୀ। ଶୁକ୍ରବାର ସକାଳ ୬ଟାରୁ ରାଜ୍ୟର ପ୍ରାୟ ୨୨ ହଜାର ଔଷଧ ଦୋକାନରେ ତାଲା ଝୁଲିଥିଲା।

ଖୁଚୁରା ବଜାରରେ ଆନ୍ତଃରାଷ୍ଟ୍ରୀୟ ବ୍ୟବସାୟୀଙ୍କ ପ୍ରବେଶ ଓ ଏଫଡିଆଇକୁ କ୍ୟାବିନେଟ ମଞ୍ଜୁରୀକୁ ବିରୋଧ କରି ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଓଡିଶାର ବ୍ୟବସାୟୀ ମହାସଂଘ ଏହାକୁ ସମର୍ଥନ ଜଣାଇ ଏହି ଧର୍ମଘଟରେ ସାମିଲ ହୋଇଥିଲା। ରାଜ୍ୟର ସମସ୍ତ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ମାଲଗୋଦାମ, ସମସ୍ତ ରିଟେଲ କାଉଂଟର ଓ ମାଲ୍ ଲୋଡିଂ ଓ ଅନଲୋଡିଂ ମଧ ବନ୍ଦ ରଖାଯାଇଥିଲା। ଏହି ଧର୍ମଘଟ ଯୋଗୁ ଦେଶରେ ପ୍ରାୟ ୬ କୋଟି ୩୫ ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ଏବଂ ରାଜ୍ୟରେ ୨୦ ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ୨୪ ଘଂଟା ବନ୍ଦ ରହିବ। ଶୁକ୍ରବାର ସକାଳ ୬ଟାରୁ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ଧର୍ମଘଟ ଚାଲିବ। ସେହିପରି ଇ-ଫାର୍ମାସି ଓ ଅନଲାଇନରେ ଔଷଧ ବିକ୍ରିକୁ ବିରୋଧ କରି ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ୨୪ଘଂଟିଆ ବନ୍ଦ ଡାକରା ଦିଆଯାଇଥିଲା। ରାଜ୍ୟରେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା। ଏହାଫଳରେ ରାଜ୍ୟରେ ପ୍ରାୟ ୨୨ ହଜାର ଔଷଧ ଦୋକାନ ବନ୍ଦ ରହିଥିଲା। ତେବେ ବନ୍ଦ ପ୍ରଭାବରେ ଜରୁରୀକାଳୀନ **(ପୃଷ୍ଠା-୭)**

୧୧ ରେ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୨୮।୯ (ସକାଳ ଖବର): ଆସନ୍ତା ଅକ୍ଟୋବର ୧୧ ତାରିଖରେ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ଅକ୍ଟୋବର ୧ ତାରିଖରେ ନିର୍ବାଚନ କାର୍ଯ୍ୟସୂଚୀ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇବ। ୩ ତାରିଖ ଦିନ ନାମାଙ୍କନ ପତ୍ର ଦାଖଲ ଏବଂ ଯାଂଚ ହେବ। ୪ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ଏବଂ ପ୍ରତ୍ୟାହାର ମଧ ହେବ। ୧୦ ତାରିଖ ଦିନ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ହେବ। ୧୧ ତାରିଖ ଦିନ ଭୋଟ ଗ୍ରହଣ ଏବଂ ଫଳ ପ୍ରକାଶ ପାଇବ। ୧୨ ତାରିଖ ଦିନ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ। ତେବେ ରେଭେନସା ବିଶ୍ୱବିଦ୍ୟାଳୟରେ ନିର୍ବାଚନ ଗତବର୍ଷ ଭଳି ପରୋକ୍ଷରେ କରାଯିବ ବୋଲି ପ୍ରଫେସର ଇଶାନ ପାତ୍ର ପ୍ରକାଶ କରିଛନ୍ତି।

ହାଇକୋର୍ଟ ଫାଟକରେ ତାଲା ପକାଇଲେ ଆଇନଜୀବୀ

ଭୁବନେଶ୍ୱର,୨୮।୯ (ସକାଳ ଖବର): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ଆଇନଜୀବୀଙ୍କ ଆନ୍ଦୋଳନ ଜାରୀ ରହିଛି। ଶୁକ୍ରବାର ହାଇକୋର୍ଟ ମୁଖ୍ୟ ଫାଟକରେ ଆଇନଜୀବୀମାନେ ତାଲା ପକାଇଛନ୍ତି। ଆନ୍ଦୋଳନରତ ଓକିଲମାନେ କୋର୍ଟ ପରିସରକୁ ବିଚାରପତିଙ୍କୁ ଛାଡୁନାହାନ୍ତି। ଏହାସହ ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ କୁଶପୁତଳିକା ମଧ୍ୟ ଦାହ କରିଛନ୍ତି। ଆଇନଜୀବୀଙ୍କୁ ମାଡ ମାରିଥିବା ଅଭିଯୁକ୍ତ ପୁଲିସ୍‌ଙ୍କୁ ଗିରଫ ଦାବିରେ ଓକିଲ ସଂଘ ଦୀର୍ଘ ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରୀ ରଖିଛି। ସୁପ୍ରିମକୋର୍ଟ **(ପୃଷ୍ଠା-୭)**

ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକମ୍ପ, ବ୍ୟାପକ କ୍ଷୟକ୍ଷତି

ଇଣ୍ଡୋନେସିଆ,୨୮।୯:ଇଣ୍ଡୋନେସିଆର ସୁଲାବେଶି ଦ୍ୱୀପରେ ବଡ଼ ଧରଣର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଯାହା ଫଳରେ ଏହି ଅଞ୍ଚଳରେ ବଡ ଧରଣର ସୁନାମୀ ଆସିଛି। ଏପରିକି ସମୁଦ୍ର ତଟରୁ ୬ଫୁଟର ଲହଡ଼ି ମାଡ଼ି ଆସି ନିକଟବର୍ତ୍ତୀ ଅଞ୍ଚଳକୁ ନିଜ କବଳକୁ ନେଇଯାଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୫ ରେକର୍ଡ କରାଯାଇଛି। ଭୂକମ୍ପ ପରେ ଲୋକଙ୍କ ମଧରେ ଆତଙ୍କର ମାହୋଲ ଖେଳି ଯାଇଛି। ଇଣ୍ଡୋନେସିଆ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ସୁନାମୀର ଚେତାବନୀ ଜାରି କରିଛି।

ବିଭାଗର ମୁଖପାତ୍ର କହିଛନ୍ତି ଯେ ଇଲାକାରେ ସୁନାମୀ ଆସିବାର ଖବର ଆସିଛି। ଏହି ସମ୍ବନ୍ଧରେ ଅଧିକ ସୂଚନା ପାଇଁ ଏଜେନ୍ସି ଉଦ୍ୟମ କରୁଛି। ଅଧିକ ସୂଚନା ମିଳିବା ପରେ ଯାଇ ସୁନାମୀ ବିଷୟରେ ଅଧିକ କିଛି କୁହାଯାଇ ପାରିବ ବୋଲି ମୁଖପାତ୍ର କହିଛନ୍ତି। ଏଠାରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ ୫ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସୂଚନା ମିଳିଛି। ଇଣ୍ଡୋନେସିଆର ଏକ ନ୍ୟୁଜ୍ ଚ୍ୟାନେଲ ଏକ ଭିଡିଓ ଜାରି କରି ଲୋକଙ୍କୁ ସତର୍କ କରାଇବାରେ ଲାଗିପଡିଛି। ଏହି ଭିଡ଼ିଓରେ **(ପୃଷ୍ଠା-୭)**

ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ୪ ଗିରଫ

ବରଗଡ଼, ୨୮।୯ (ସକାଳ ଖବର): ବରଗଡ଼ ଜିଲ୍ଲା ଗୌରପଡା ଠାରେ ଥିବା ଏକ ଛାତ୍ରୀନିବାସରେ ଛାତ୍ରୀଙ୍କୁ ଘର ମାଲିକର ଅସଦାଚରଣର ଭିଡ଼ିଓ ଭାଇରାଲ୍ ହୋଇଛି। ଏନେଇ ଛାତ୍ରୀଙ୍କ ବାପା ବରଗଡ଼ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭ୍ୟୁକ୍ତମାନେ ହେଲେ ରବିନାରାୟଣ ଛତର, ଜଗନ୍ନାଥ ଛତର, ବିମ୍ବାଧର ମଲ୍ଲିକ ଏବଂ ସୁବୋଧ ମେହେର।

ଅଭିଯୋଗ ମୁତାବକ, ଘର ମାଲିକ ତାଙ୍କ ପ୍ରତି ଅସଦାଚରଣ କରୁଥିବା ବେଳେ ମୋବାଇଲରେ ଏହି ଦୃଶ୍ୟକୁ କଏଦ୍ କରି ପୋଲିସରେ ଅଭିଯୋଗ କରିଥିଲେ ସମ୍ପୃକ୍ତ ଛାତ୍ରୀ। କିନ୍ତୁ ପରବର୍ତୀ ସମୟରେ ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଥିଲା। ଅଭିଯୁକ୍ତମାନେ ଏହି ଭିଡ଼ିଓକୁ ବିଭିନ୍ନ ସୋସିଆଲ ସାଇଡ୍ ରେ ଅପଲୋଡ୍ କରି ଭାଇରାଲ୍ କରିଥିବା ନେଇ ଅଭିଯୋଗ ହୋଇଥିଲା। ବରଗଡ଼ ଥାନା ଅଧିକାରୀ ବିଭୂତି ଭୂଷଣ ଭୋଇ ଏନେଇ ସୂଚନା ଦେଇ କହିଛନ୍ତି ଯେ, ମୋବାଇଲ, କମ୍ପ୍ୟୁଟରରେ ଭିଡ଼ିଓକୁ ଅପଲୋଡ କରୁଥିବା ବ୍ୟକ୍ତିଙ୍କୁ ଖୋଜା ଚାଲିଛି। ଏକ ଟିମ୍ ସର୍ଭର ଯାଂଚ୍ କରୁଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ର ଦଫା ୨୯୨, ୬୭ ଆଇଟି ଧାରାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଦାନୀ ଦାନ ଦିଏ ଏବଂ
ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା
ତିଆରି କରେ

ସାପ କାମୁଡାରେ ଦୁଇ ଭାଇ ମୃତ

କେନ୍ଦ୍ରାପଡା, ୨୮।୯ (ସକାଳ ଖବର): ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ମୂଳବସନ୍ତ ପଚାଂୟତ ଅନ୍ତର୍ଗତ ବନ୍ଧସାହି(ସେକପୁର) ଗ୍ରାମରେ ଦୁଇ ଭାଇଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଶିଶୁ ଦ୍ୱୟଙ୍କୁ ମୃତ ଘୋଷଣା କରିବା ପରେ ଜନୈକ ଗୁଣିଆ ଶିଶୁ ଦ୍ୱୟଙ୍କୁ ଝଡାଫୁଙ୍କାରେ ବଂଚାଇ ଦେବା ପାଇଁ ଉଦ୍ୟମ କରିବା ଘଟଣା ଏଠାରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ପ୍ରକାଶ ଯେ, ସେହି ଗ୍ରାମର ପ୍ରଭାକର ସାହୁଙ୍କ ଦୁଇ ପୁଅ ଉଦୟନାଥ (୧୩) ଓ କୃତୀବାସ (୮) ଗତକାଲି ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ ଉଭୟଙ୍କୁ କାମୁଡି ଥିଲା। ତେବେ ବିଷଧର ସାପ କାମୁଡାରେ ଦୁଇ ଭାଇ ଗୁରୁତର ହୋଇପଡିବାରୁ ତୁରନ୍ତ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟରେ କୌଣସି ପରିବର୍ତନ ନହେବାରୁ ଡାକ୍ତର ଉଭୟଙ୍କୁ କଟକ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଭାକର ଦୁଇ ପୁଅଙ୍କୁ କଟକ ନେଉଥିବା ବେଳେ ଦୁଇ ପୁତ୍ରଙ୍କର ବାଟରେ ମୃତ୍ୟୁ ଘଟିଥିଲା। ସେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଆଣିଥିବା ବେଳେ ଆଜି ଅଂଚଳର ଗୁଣିଆ ଶ୍ୟାମ ସୁନ୍ଦର ସୂତାର ମୃତ ଶିଶୁପୁତ୍ର ଦ୍ୱୟଙ୍କୁ **(ପୃଷ୍ଠା-୭)**

ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ଜିଏସଟି ଲାଗୁ ପରେ ରାଜସ୍ୱ କ୍ଷତି କମିଛି : ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୨୮।୯ (ସକାଳ ଖବର): ଜିଏସଟି ଲାଗୁ ହେବା ପରେ ଓଡିଶାରେ ରାଜସ୍ୱ କ୍ଷତିର ପରିମାଣକୁ ହ୍ରାସ କରାଯାଇଛି ରାଜ୍ୟ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜସ୍ୱ କ୍ଷତି ପୂର୍ବରୁ ୩୧ ପ୍ରତିଶ୍ରତ ହେଉଥିବା ବେଳେ ଜିଏସଟି ପରେ ୨୪ ପ୍ରତିଶତ କ୍ଷତି ହେଉଛି। ଅର୍ଥାତ୍ ରାଜସ୍ୱ କ୍ଷତି ୭ ପ୍ରତିଶତ କମିଯାଇଛି। ଏହାକୁ ଆହୁରି ହ୍ରାସ କରିବାପାଇଁ ସରକାର ଉଦ୍ୟମ କରୁଛନ୍ତି। ଖଣିରୁ ୫ ପ୍ରତିଶତ ରାଜସ୍ୱ ଆସୁଥିବା ବେଳେ ଏବେ ତାହା ହ୍ରାସ ପାଇଛି। ପ୍ରବେଶ ଶୁଳ୍କ ମଧ୍ୟ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ଜିଏସ୍‌ଟି କାଉନ୍‌ସିଲର ୩୦ତମ ବୈଠକ ଶୁକ୍ରବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧମରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ମୁଖ୍ୟତଃ ଦ୍ରବ୍ୟ ଓ ସେବାକରରେ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରୁ ଜଣାପଡ଼ିଛି ଯେ ୨୦୧୮ ଜୁଲାଇ ମାସରେ ସର୍ବଭାରତୀୟ ସ୍ତରରେ ଜିଏସ୍‌ଟିରେ ୯୬ ହଜାର ୪୮୩ କୋଟି ଟଙ୍କା ଆଦାୟ ହୋଇଥିଲାବେଳେ ୨୦୧୮ ଅଗଷ୍ଟ ମାସରେ ୯୩ ହଜାର ୯୬୦ କୋଟି ଟଙ୍କା ଆଦାୟ ହୋଇଛି। ଅର୍ଥମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ୨୦୧୭ରେ ଧାର୍ଯ୍ୟ ଦେୟ ସମୟ ଅକ୍ଟୋବର ସୁଦ୍ଧା ୪୫.୦୬ ପ୍ରତିଶତ ରିଟର୍ଣ୍ଣ ଫାଇଲିଂ ଦାଖଲ ହୋଇଥିବାବେଳେ ଜୁଲାଇ ୨୦୧୮ରେ ତାହା ବୃଦ୍ଧି ପାଇ ୬୧.୫୧ ପ୍ରତିଶତ ହୋଇଛି। ଜିଏସ୍‌ଟି ପ୍ରଚଳନ ଫଳରେ ଓଡ଼ିଶାର ରାଜସ୍ୱ ହ୍ରାସ ପାଇଥିବା ସଂପର୍କରେ ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିଲେ। ଜିଏସ୍‌ଟି ପ୍ରଚଳନ ପୂର୍ବରୁ ରାଜ୍ୟରେ ଧାନ, ଚାଉଳ, ଅଟା, ମଇଦା, ସୁଜି, ଗହମ, ଗୁଡ଼ ଇତ୍ୟାଦିରେ ୫ ପ୍ରତିଶତ କର ଆଦାୟ ହେଉଥିବାବେଳେ ଜିଏସ୍‌ଟି ଲାଗୁ ପରେ ଏସବୁ ଦ୍ରବ୍ୟକୁ କରମୁକ୍ତ କରାଯାଇଛି। ଏଥି ସହିତ ରାଜ୍ୟରେ ପ୍ରମୁଖ କର ଆଦାୟ ସ୍ରୋତ ଖଣିଜ ପଦାର୍ଥ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟରୁ ଆସିଥାଏ। ଜିଏସ୍‌ଟି ପ୍ରଥା ଅନୁଯାୟୀ ଯେଉଁ ରାଜ୍ୟରେ ଏହି ଦ୍ରବ୍ୟ ବ୍ୟବହାର କରାଯିବ ସେହି ରାଜ୍ୟରେ ଜିଏସ୍‌ଟି ଆଦାୟ ହେଉଥିବାରୁ ଓଡ଼ିଶା ଏହି ଟିକସ ହରାଉଛି। ଏଥି ସହିତ ଓଡ଼ିଶାରେ ପୂର୍ବ ପ୍ରଚଳିତ ଭାଟରେ ଅଧିକାଂଶ ଦ୍ରବ୍ୟରେ ୧୪.୫ ପ୍ରତିଶତ କର ଆଦାୟ କରାଯାଉଥିବାବେଳେ ଏବେ ସେହିସବୁ ଦ୍ରବ୍ୟରେ ୯ ପ୍ରତିଶତ କର ଆଦାୟ ହେଉଥିବାରୁ ଓଡ଼ିଶାରୁ ଟିକସ ଆଦାୟ ପରିମାଣ ହ୍ରାସ ପାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ତୁହିନକାନ୍ତ ପାଣ୍ଡେ, କମିଶନର ଅଫ୍ କମର୍ସିଆଲ୍ ଟ୍ୟାକ୍ସ ଏବଂ ଜିଏସ୍‌ଟି ଶାଶ୍ୱତ ମିଶ୍ରଙ୍କ ସମେତ ଅର୍ଥ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick